ଜଟାୟୁ



# କପୋତୀ ଡ଼ାକୁଛି

କବି ରଘୁନାଥ ଦାସ

ଫାଶୀଦିଅ ବାରେ ଡାକୁଛି ଡାହୁକ;
ଆଖି ବାନ୍ଧିଦେଲା କାଉଁରୀ କୁହୁକ;
ଯେତେ ଥିଲା ପଥ
କଜଳ କଳାରେ ସବୁ ହେଲା ଏକ ।
ଉଠରେ ପୁତା, ଉଠ!

ଦଶଦିଗ ପାଳ ହେଲେଣି ରେ ଅନ୍ଧ;
ମଶାଣି ବିଛୁଡେ ଫୁରୁକୁଟା ଗନ୍ଧ;
ଚିତାଚଉପାଶେ
ବିଂଶବାହୁ ତୋଳେ ନାଚୁଛି କବନ୍ଧ ।
ଉଠରେ ପୁତା, ଉଠ!

ପଲ୍ଲୀପୁରେ ଏବେ ଘୋଟିଛି ଅନ୍ଧାର;
ବୁଢ଼ା ଦାଗୀ ବାନ୍ଧେ ପାଗ ଚୌକିଦାର;
ଡାହାଣୀ ହାତରେ
କଅଁଳା ଶିଶୁକୁ ପାଳିବାର ଭାର ।
ଉଠରେ ପୁତା, ଉଠ!

www.jataayu.org

Powered by Tekons

# କପୋତୀ ଡ଼ାକୁଛି

କବି ରଘୁନାଥ ଦାସ

ପିତ୍ତଳ ମାରୁଛି ସୁବର୍ଣ୍ଣ ଝଟକ;
ଶୋଇ ରହିଲେ ତ ଅନ୍ଧାରୀ ଅଟକ;
ଯେତେ ଯାହା କଲେ
ନ ପୂରିଲା ତୋର ଉଧାର ମାଣକ ।
ଉଠରେ ପୁତା, ଉଠ!

ଲକ୍ଷେ ଅକ୍ଷୌଣୀରେ ସାଜିଛି ସେ ବଳ;
ତୋ ପକ୍ଷେ ସାରଥୀ ନ୍ୟାୟର ପ୍ରବଳ,
ନିର୍ମଳ ତୋ ଚିତ୍ତ,
ସତ୍ୟବାନ ତହିଁ ଉଡେ ଫର ଫର ।
ଉଠରେ ପୁତା, ଉଠ!

ଗରେଜେ ତୋ ପକ୍ଷେ ଦୁର୍ନିବାର ଝଡ,
ଗଢ଼ିଛି ତୋ ବାହା ଦଧୀଚିର ହାଡ;
ମନ ଆଣ୍ଟ କଲେ
ଲଙ୍ଘିଯିବୁ ହେଳେ ଆକାଶୀ ପାହାଡ

www.jataayu.org

# କପୋତୀ ଡ଼ାକୁଛି

କବି ରଘୁନାଥ ଦାସ

ଉଠରେ ପୁତା, ଉଠ!

ତା ବୁକେ ଜଳୁଛି ଅଲିଭା ସଳିତା;
ଅନ୍ଧାର ସେପଟେ ଉକୁଟେ ସବିତା;
ଲହୁ ଦେଇ ତୋତେ
ଲେଖିବାକୁ ହେବ ଜୀବନ କବିତା ।

ଉଠରେ ପୁତା, ଉଠ!

www.jataayu.org